# କୃଷକଙ୍କ ବିକାଶରେ ଦେଶର ବିକାଶ: ରାଜ୍ୟପାଳ

ରାୟଗଡ଼ା,୨୨।୧୨
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)


ରାଜ୍ୟପାଳ ଗୁମାଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରୁଛନ୍ତି ।

■ ରାସାୟନିକ ସାର ପ୍ରୟୋଗ ପରିବର୍ତ୍ତେ ଜୈବିକ ଚାଷ ଉପରେ ଗୁରୁତ୍ୱ
■ ଏସ୍‌ଏଚ୍‌ଜି ମହିଳା, ଚାଷୀଙ୍କୁ ଭେଟିଲେ ରଘୁବର

କୃଷକର ଉନ୍ନତୀକରଣ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ। ତେଣୁ କୃଷକଙ୍କ ବିକାଶରେ ଭାରତ ବିକଶିତ ହେବ । କୃଷକଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସେସବୁ ଯୋଜନା ବିଷୟରେ ଚାଷୀମାନେ ଜାଣିବା ଆବଶ୍ୟକ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶୁକ୍ରବାର ରାୟଗଡ଼ା ଗସ୍ତରେ ଆସି ପ୍ରଥମେ ଗୁମ୍ମାରେ ଅଟକିଥିଲେ। ସେଠାରେ ମା ତାରିଣୀ, ମା ମହାଲକ୍ଷ୍ମୀ, ମା ମଝିଘରିଆଣୀ ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସେଠାରେ ଜଣେ ଅସହାୟ ମହିଳା ଲଳିତା ବିଡ଼ିକାଙ୍କୁ ନିଜସ୍ୱ ପାଣ୍ଠିରୁ ୨୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ଗୁମ୍ମା ରହଣି ସମୟରେ ସ୍ଥାନୀୟ ସରପଞ୍ଚ ସବିତା ପ୍ରାସ୍କା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଓ ଗମନାଗମନ ଅସୁବିଧା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରିଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନାକରି ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ କଡ଼ାପାଡ଼ି ଓ ହାଲୁଆ ଗ୍ରାମ ଯାଇ ସେଠାରେ ସରକାରୀ ଯୋଜନା ବୁଲି ଦେଖିବା ପରେ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ହାଲୁଆ ଏବଂ ତାଡ଼ମା ପଞ୍ଚାୟତର ଅନେକ ଚାଷୀ ନିଜର ଅଭିଯୋଗ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରିଥିଲେ। ସେଠାରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ, ଦେଶ ସ୍ୱାଧୀନତା ମାନ୍ୟତା ପାଇବାର ୭୪ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ରାୟଗଡ଼ା ଜିଲା ପଛୁଆ ଅଞ୍ଚଳ ଭାବେ ପରିଗଣିତ ହେଉଛି । ଏହାର ଏକମାତ୍ର ସମାଧାନ ହେଉଛି ଶିକ୍ଷା। ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ହେଲେ ରାଜ୍ୟ ଓ ଦେଶ ଦାରିଦ୍ର୍ୟରୁ ମୁକ୍ତି ପାଇବ ବୋଲି କହିଛନ୍ତି । ଚାଷୀମାନେ ଉନ୍ନତ ଧରଣର ଯନ୍ତ୍ରପାତି ଏବଂ ଆଧୁନିକ ପ୍ରଣାଳୀ ବ୍ୟବହାରକରି ଅଧିକ ଅମଳ କରିପାରିବେ। ରାସାୟନିକ କ୍ଷେତ ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ ଜୈବିକ ଉପାୟରେ ଫସଲ ଉତ୍ପାଦନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସେଠାରୁ ରାଜ୍ୟପାଳ ଚିନ୍ତାଲଗୁଡ଼ା ଗ୍ରାମକୁ ଯାଇ ୫ ହିତାଧିକାରୀଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ଉଦ୍‌ଘାଟନ କରିଥିଲେ । ରାୟଗଡ଼ା ଜିଲାରେ ଚଳିତ ବର୍ଷ ୨୬ ହଜାର ୬୫୧ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସରକାରଙ୍କ ତରଫରୁ ପ୍ରଦାନ ହୋଇଛି। ଅପରପକ୍ଷରେ ଏହି ଯୋଜନା ସମ୍ପର୍କରେ ଆଲୋଚନା ବେଳେ ଗୃହ ନିର୍ମାଣ ପାଇଁ ଅନୁଦାନ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ହିତାଧିକାରୀମାନେ ନିବେଦନ କରିଥିଲେ। ସେଠାରୁ ରାଜ୍ୟପାଳ ତାଡ଼ମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାଇଥିଲେ। ଏନ୍‌ସିସି ଛାତ୍ରୀଛାତ୍ର ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପାଛୋଟି ନେଇଥିଲେ । ସେଠାରେ ବିଭିନ୍ନ ବିଷୟରେ ପିଲାମାନଙ୍କ ସହ ଆଲୋଚନା କରିବା ସମୟରେ ଜଣେ ୭ମ ଶ୍ରେଣୀ ଛାତ୍ର ରାଜ୍ୟପାଳଙ୍କ ଚିତ୍ର ଆଙ୍କି ତାଙ୍କୁ ପ୍ରଦାନ କରିଥିଲେ। ରାଜ୍ୟପାଳ ଏଥିରେ ଖୁସି ହୋଇ ଛାତ୍ରଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି । ପରେ ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଭେଟିବା ସହ ସୁବିଧା ଅସୁବିଧା ସମ୍ପର୍କରେ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବାରିଖୋଲାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଯାଇ ଶିକ୍ଷାଦାନ ଠିକ୍ ଭାବରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ରାଜ୍ୟପାଳ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ଓ ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଜିଲାପାଳ ସ୍ୱାଧାଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଭାସ୍କର ରୟତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ବିଡିଓ ଅମୂଲ୍ୟ ସାହୁ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଚିତ୍ତଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଗସ୍ତ ନେଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରିବା ସହ ରାଜ୍ୟପାଳଙ୍କ ଗସ୍ତସୂଚୀ ଆଧାରରେ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।

# ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଚନ୍ଦ୍ରପୁର,୨୨।୧୨(ବିଜୟ ପ୍ରସାଦ ଉଲାକା)

**ହତ୍ୟା କରି ପୋଡ଼ିଦେବାକୁ ଉଦ୍ୟମ ଅଭିଯୋଗ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଶୁକ୍ରବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ କାଶୀପୁର ବ୍ଲକ ନକଟିଗୁଡାର ବେଲଧର ମାଝୀଙ୍କ ଝିଅ ଲକ୍ଷ୍ମୀ ମାଝି (୨୮)। ତେବେ ତାଙ୍କୁ କେହି ହତ୍ୟା କରି ପୋଡି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ମୃତ ଯୁବତୀଙ୍କ ବାପା ବେଲଧର ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଡାକ୍ତରଖାନାକୁ ପଠାଇଛି।

ମୃତ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଲକ୍ଷ୍ମୀ ଗତ ୪ ବର୍ଷ ହେଲା ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରର ମା ଗୃହରେ ରହି ଗୁଣପୁରସ୍ଥିତ ଏନଜିଓ ଆଲିଶା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତେବେ ଗୁରୁବାର ଅପରାହ୍ନ ପ୍ରାୟ ୪ ଟାରୁ ସେ ନିଖୋଜ ଥିବା ତା ସାଙ୍ଗମାନେ ଫୋନ୍ କରି ଜଣାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଲକ୍ଷ୍ମୀଙ୍କ ମୃତଦେହ ଏକ ପରିତ୍ୟକ୍ତ ଭଙ୍ଗା ଘରେ ପଡ଼ିଥିବା ବେଳେ ସେଠାରେ ତାକୁ ନିଆଁ ଲଗେଇ ପୋଡିବାକୁ ଉଦ୍ୟମ କରାଯାଇଥିବା ଦେଖିବାକୁ ମିଳିଥିଲା। ମେଡିକାଲ ପରିସରରେ ଏହି ଘଟଣା ଘଟିଥିଲେ ମଧ କିଭଳି କୌଣସି ମେଡିକାଲ କର୍ମଚାରୀଙ୍କ ନଜରରେ ପଡ଼ିଲା ନାହିଁ ବୋଲି ତାଙ୍କ ବାପା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ସ୍ଥାନରେ ସିସିଟିଭି ଲାଗିଥିଲେ ମଧ ତାହା ଅଚଳ ଥିବା ବେଲଧର କହିଛନ୍ତି । ଲକ୍ଷ୍ମୀ ରହୁଥିବା ଉକ୍ତ ମା' ଗୃହର ନିର୍ଦ୍ଦେଶକ ତାଙ୍କ ଝିଅଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ବେଲଧର ଏତଲାରେ ଉଲ୍ଲେଖ କରିଛନ୍ତି। ତେଣୁ ଘଟଣାର ସଠିକ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପାଇଁ ସେ ଅନୁରୋଧ କରିଛନ୍ତି ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜେକେପୁର,୨୨।୧୨(ନିଧି ଗଣ୍ଡେଚା)

ଜେକେପୁରସ୍ଥିତ ଲକ୍ଷ୍ମୀପତ୍ ସିଂଘାଣିଆ ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ନବୀନ ଓଡ଼ିଶାର ଜିଲା ସଂଯୋଜକ ପି.ଗୌରୀଶଙ୍କର ରାଓ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତି ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଅଧକ୍ଷ ବଦ୍ରିନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ କାହ୍ନୁଚରଣ ସାହୁ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଟିକିରି,୨୨।୧୨ (ପ୍ରଫୁଲ୍ଲ କୁମାର ବେହେରା)

ପରିବେଶ ସୁରକ୍ଷା ପାଇଁ କାଶୀପୁରଠାରେ ଏକ ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଶତାଧିକ ଯୁବତୀଯୁବକ 'ରନ୍ ଫର୍ ଏନ୍‌ଭାଇରନମେଣ୍ଟ ୱାକାଥନ' କାର୍ଯ୍ୟକ୍ରମରେ ଯୋଗଦେଇ ୨ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଚାଲିଛନ୍ତି। ସମସ୍ତେ ହାତରେ ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରି ପରିବେଶକୁ ବଞ୍ଚାଇବାର ଆହ୍ୱାନ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଓ ତାହାର ପ୍ରଭାବ ବର୍ତ୍ତମାନ ବହୁଳ ଭାବେ ଲୋକଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି। ପରିବେଶ ବଞ୍ଚିଲେ ଜୀବନ ବଞ୍ଚିବ। ସେଥିପାଇଁ ଲିଭିଂ ଫାର୍ମସ ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷାରେ ଯୁବକଙ୍କ ଦାୟିତ୍ୱକୁ ନେଇ କାର୍ଯ୍ୟ ଜାରି ରଖିଛି ବୋଲି କୁହାଯାଇଥିଲା। ସମଗ୍ର ଅଞ୍ଚଳରେ ଦେଶୀ ବିହନ ଏବଂ ଦେଶୀ ଚାଷ ପଦ୍ଧତି ଫେରାଇ ଆଣି ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଅନୁଷ୍ଠାନ କାର୍ଯ୍ୟ କରୁଛି। ରନ୍ ଫର୍ ଏନ୍‌ଭାଇରନମେଣ୍ଟ କାର୍ଯ୍ୟକ୍ରମକୁ ବିପିଏମ୍ କିଶୋର କରକରିଆ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଯାତ୍ରା ବ୍ଲକ ଅଫିସଠାରୁ ବାହାରି ବଜାର ପରିକ୍ରମାକରି ଜଗନ୍ନାଥ ମନ୍ଦିର ଯାଏ ଯାଇଥିଲା। ଏଥିରେ କାଶୀପୁର ବ୍ଲକର ସିରିପାଇ, ମଣ୍ଡିବିଶି, ସୁଙ୍ଗେର, ତଳଝିରି, ଧୋବାସିଲ, ରେଙ୍ଗା ଆଦି ପଞ୍ଚାୟତର ବହୁ ଯୁବତୀଯୁବକ ଯୋଗଦେଇଥିଲେ। ନବୀନ ମାଝି, ସୁମନ୍ତି ମାଝି, ସାଧୁରମ ମାଝି, ସୋମନାଥ ମାଝି ଓ କୈଳାସ ମାଝି ପ୍ରମୁଖ ଏହି ୱାକାଥନର ନେତୃତ୍ୱ ନେଇଥିଲେ।

# ଉପଖଣ୍ଡ ସ୍ତରୀୟ ଚଇତି 'ଇଡ଼ିତାଲ' ଉଦ୍‌ଘାଟିତ

ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)




ଗୁଣପୁର ଚଇତି ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ଚଇତି 'ଇଡ଼ିତାଲ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଇତିଇଡ଼ିତାଲ ମହୋତ୍ସବ ବିଭିଧତା ମଧ୍ୟରେ ଏକତା ସୃଷ୍ଟି କରିପାରିଛି ବୋଲି ସାରକା କହିଥିଲେ । ସମ୍ମାନିତ ଅତିଥି ଭାବେ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାଶ, ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଭାମିନି ୨ୟ ରିଜର୍ଭ ବାଟାଲିୟନର ଦୁର୍ଗପତି ବ୍ରଜମୋହନ ନାୟକ ଏବଂ ପିଏ ଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ ଯୋଗଦେଇ ଥିଲେ । ଉପଜିଲ୍ଲାପାଳ ଲଳିତ କୁମାର କଅଁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ଡ଼ଃ ଚନ୍ଦ୍ରଧଜ ପଣ୍ଡା ମଞ୍ଚାସୀନ ଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଯମଦାର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଚଇତି ମଣ୍ଡପଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ମନ୍ତ୍ରୀ ଜଗନ୍ନାଥ ସାରକା, ଉପଦେଷ୍ଟା ସୁଧୀର ଦାଶ, ବିଧାୟକ ରଘୁନାଥ ଗମାଙ୍ଗ, ପୌର ଅଧକ୍ଷା ମମତା ଗୌଡ଼, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ଚଇତିର ଆବାହକ ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝୀ, ସମାଜସେବୀ ଅକ୍ଷୟ କୁମାର ଦାଶ, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଭାଜପା ନେତା ୱାଇ ଗଣପତି, ବିଜେଡି ରାଜ୍ୟ ଉପସଭାପତି ବିଷ୍ଣୁ ପଣ୍ଡା, ନଗର ବିଜେଡି ସଭାପତି ରାମ ପଣ୍ଡା, ବ୍ଲକ ବିଜେଡି ସଭାପତି ଭାଷା ଶତପଥୀ, ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ୨ ଦିନ ପାଇଁ ହେବାକୁ ଥିବା ଉତ୍ସବର ପ୍ରଥମ ଦିନ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କାଶୀପୁର, ଭାଲେରିରେ ଧାନମଣ୍ଡି ଉଦ୍‌ଘାଟିତ

ଟିକିରି/ ଦୁର୍ଗୀ , ୨୨।୧୨
(ପ୍ରଫୁଲ୍ଲ କୁମାର ବେହେରା/ ଶିଶିର କୁମାର ପାତ୍ର)

ରାୟଗଡା ଜିଲା କାଶୀପୁର ବ୍ଲକ ଲ୍ୟାମ୍ପ ପରିସରରେ ଶୁକ୍ରବାର ଧାନ ମଣ୍ଡି ଉଦଘାଟିତ ହୋଇଛି। ଲ୍ୟାମ୍ପ ଶାଖା ପରିଚାଳକ ସନ୍ତୋସ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟାମ୍ପ ସଭାପତି ମଦନ ମାଝୀ, ଆରଏମସି ଅଧିକାରୀ ବସନ୍ତ କୁମାର ପାଳ, ପି ଚନ୍ଦ୍ର ଆଚାର୍ଯ୍ୟ, ଗୌରିଶଙ୍କର ବେହେରା, ଲ୍ୟାମ୍ପ ନିର୍ଦ୍ଦେଶକ ପି ଦେବେନ୍ଦ୍ର ରାଓ, ପ୍ରମୋଦ କୁମାର ନାୟକ, କାଶୀପୁର ଆରଆଇଙ୍କ ସହ କାଶୀପୁର ଚାଷୀମାନେ ଯୋଗଦେଇଥିଲେ। ଏହି ମଣ୍ଡିରେ ପ୍ରତ୍ୟକ ଶୁକ୍ରବାର ଦିନ ଖୋଲାଯାଇ ଧାନ କିଣାଯିବ ବୋଲି ଜଣାପଡିଛି। ଅଞ୍ଚଳର ବହୁ ଚାଷୀ ଓ ଲ୍ୟାମ୍ପର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ। ଏହି ଅବସରରେ ଧାନର ମାନ ନିର୍ଦ୍ଧାରଣ ପାଇଁ ବ୍ୟବହୃତ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା।

ସେହିପରି ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତର ଭାଲେରିଠାରେ ଶୁକ୍ରବାର ଧାନମଣ୍ଡି ଆରମ୍ଭ ହୋଇଛି। ଭାଲେରି ହାଟ ଗୋଦାମଠାରେ ରୀତିନୀତି ଅନୁଯାୟୀ ପୂଜାପାଠ ପରେ ଧାନକିଣା ଆରମ୍ଭ ହୋଇଥିଲା। ଦୁର୍ଗୀ, କୁମ୍ଭାର ଡାମୁଣି, କଣାବାଇ, ବେଥିଆପଡ଼ା, ଡୁମୁରୁନେଲିର ଚାଷୀମାନେ ଧାନ ବିକ୍ରି କରିବା ପାଇଁ ସବୁ ବର୍ଷ ଭାଲେରିଠାରେ ମଣ୍ଡି ଖୋଲୁଛି। ଏହି କାର୍ଯ୍ୟକ୍ରମରେ ବିଷମକଟକ ଲ୍ୟାମ୍ପର ନିର୍ଦ୍ଦେଶକ ଶିରି କୁମୁରୁକା, ଶାନ୍ତନୁ ସାହୁ, ସ୍ଥାନୀୟ ମିଲର କେ. ମୋହନ ରାଓ, କୁନା ପାଳ ଓ ଚାଷୀମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

ପଦ୍ମପୁର, ୨୨।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଶବର, ମୁଖ୍ୟବକ୍ତା ଭାବେ କୃଷ୍ଣପ୍ରସାଦ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଅରୁଣ କୁମାର ମାନସିଂହ ସଭା ପରିଚାଳନା କରିଥିଲେ । ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ଜେଜେବାପା ଓ ଜେଜେ ମା' ସମ୍ମିଳନୀ, ବାର୍ଷିକ କ୍ରୀଡ଼ା, ସରକାରୀ ବୃତ୍ତି, ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ଦାଶ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ଗୁରୁଜୀ ବଳରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଜାତୀୟ ଗଣିତ ଦିବସ

ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଜାତୀୟ ଗଣିତ ଦିବସ ଉପଲକ୍ଷେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ସଂଖ୍ୟା ଗଣନା ସିଦ୍ଧାନ୍ତ, ଆସିମକ୍ରମ, ଗାଣିତିକ ବିଶ୍ଳେଷଣ ଇତ୍ୟାଦି ଗଣିତକୁ ରାମାନୁଜନଙ୍କ ଅତୁଳନୀୟ ଅବଦାନ ବୋଲି ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ ଓ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା କହିଥିଲେ। ବିଭୁଦତ୍ତ ଦାଶ, ପ୍ରିୟବ୍ରତ ମହାପାତ୍ର,ବୈଲୋଚନ ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ସିପିଆଇ(ଏମ୍‌ଏଲ୍)ଲିବରେଶନର ମିଶ୍ରଣ ପର୍ବ

ବିଷମ କଟକ, ୨୨।୧୨ (ବିଭୂତି ଭୂଷଣ ନାୟକ)

ବିଷମକଟକ ସିପିଆଇ (ଏମ୍‌ଏଲ୍) ଲିବରେଶନ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍‌ଏଲ୍ କାର୍ଯ୍ୟାଳୟରେ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ସିପିଆଇ (ଏମ୍)ରୁ ବାହାରି ସିପିଆଇ(ଏମ୍‌ଏଲ୍) ଲିବରେଶନରେ ଯୋଗଦେଇଛନ୍ତି । ଉକ୍ତ ମିଶ୍ରଣ ପର୍ବରେ ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପରିଡ଼ା ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଫାସିବାଦ ବିରୋଧରେ ଓ ମୋଦି ସରକାର ସଂସଦରେ ୧୪୬ ପାର୍ଲାମେଣ୍ଟ ସଦସ୍ୟଙ୍କୁ ବହିଷ୍କାର କରିବା ଗଣତନ୍ତ୍ର ପାଇଁ ଏକ ଅପମାନ। ଏଣୁ ଏହା ବିରୋଧରେ ଜନ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ସିପିଆଇ (ଏମ୍‌ଏଲ୍) ଲିବରେଶନ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଉପସ୍ଥିତ ରହି ରାୟଗଡ଼ା ଜିଲାରେ ଦଳକୁ ସୁଦୃଢ଼ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ସମାଲୋଚନା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ବର୍ଷକୁ ୨୦୦ ଦିନ କାମ, ଦୈନିକ ୬୦୦ ଟଙ୍କା ମଜୁରି, ସମସ୍ତ ରାଶନକାର୍ଡଧାରୀଙ୍କୁ ୫୦ କେଜି ଚାଉଳ, ଆଦିବାସୀଙ୍କ ଦ୍ୱାରା ସଂଗ୍ରହ ଜଙ୍ଗଲଜାତ ଦ୍ରବ୍ୟକୁ ଟିଡିସିଏସ୍ ଜରିଆରେ କିଣିବା ପାଇଁ ବ୍ୟବସ୍ଥା, ବିଷମକଟକରେ ଶୀତଳ ଭଣ୍ଡାର ନିର୍ମାଣ, ୨୦୨୩ ବନ ସଂରକ୍ଷଣ ବାତିଲ କରିବା, ସମସ୍ତଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା ଯୋଗାଇବା, ଆଦିବାସୀଙ୍କ ଜମିକୁ ଅଣ ଆଦିବାସୀମାନେ କିଣିବା ଆଇନ ସମ୍ପୂର୍ଣ୍ଣ ବାତିଲ କରିବା, ଜମି– ଜଳ – ଜଙ୍ଗଲ ଅଧିକାର ପାଇଁ ଆଗାମୀ ଦିନରେ ବିଷମକଟକ ଅଞ୍ଚଳରେ ଲୋକଙ୍କୁ ଜମି ପଟ୍ଟା ଯୋଗାଇଦେବାକୁ ଦାବି ହୋଇଥିଲା। ଆଦିବାସୀଙ୍କ ଅଧିକାର ଲାଗି ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବା ଲାଗି ଶରତ ତ୍ରିପାଠୀ ଓ ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି। ସଭାରେ ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ାଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।


ମିଶ୍ରଣ ପର୍ବରେ ଉପସ୍ଥିତ କର୍ମୀ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/ ୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/ ୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/ ୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

**ଆଇଇଡି ନିଷ୍କ୍ରିୟ କଲେ ଯବାନ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀ ଲଗାଇଥିବା ଏକ ଆଇଇଡି ବୋମାକୁ ଉଦ୍ଧାର କରି ଯବାନମାନେ ନିଷ୍କ୍ରିୟ କରିଦେଇଛନ୍ତି। ଶୁକ୍ରବାର ମାଓବାଦୀମାନେ ଭାରତ ବନ୍ଦ ଡାକରା ଦେଇଥିଲେ। ସେମାନେ ଯବାନଙ୍କୁ ଟାର୍ଗେଟ କରି ଉକ୍ତ ରାସ୍ତାରେ ଆଇଇଡି ବୋମା ଖଞ୍ଜିଥିଲେ। ତିମାପୁର ପୋଲିସ ଓ ଯବାନମାନେ ସର୍ଚ୍ଚ ଅପରେସନ ବେଳେ ଏହି ବୋମାକୁ ଠାବ କରିଥିଲେ। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଦେଇଥିଲେ।

# ଜିଲା ପ୍ରଶାସନକୁ ଭେଟିଲେ ଏସ୍ଏଚ୍ଜି ମହିଳା

ମାଲକାନଗିରି,୨୨।୧୨(ଦୁର୍ଯ୍ୟୋଧନ ପାତ୍ର)


ଜିଲା ପ୍ରଶାସନକୁ ଭେଟିବାକୁ ଆସିଥିବା ମହି।

### ମଣ୍ଡି ପରିଚାଳନା ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ

ଏମ୍ଭି-୧୧ ଗ୍ରାମରେ ମଣ୍ଡି ପରିଚାଳନା ଦାୟିତ୍ୱକୁ ନେଇ ବିବାଦ ବଢିବାରେ ଲାଗିଛି। ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଥିବା ବିବାଦକୁ ନେଇ ଶୁକ୍ରବାର ଇନ୍ଦିରାବତୀ ମହିଳା ସ୍ୱୟଂ ହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ତେବେ ଏମଭି-୧୧ ଗ୍ରାମର ଜଣେ ବ୍ୟକ୍ତି ନିଜେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଳରେ ମଣ୍ଡି ପରିଚଳନା କରୁଥିବା ନେଇ ଅଭିଯୋଗ କରିଛନ୍ତି। ଶନିବାର ଏହି ବିବାଦର ସମାଧାନ କରାଯିବ ବୋଲି ଜଣାପଡିଛି। ପୂର୍ବରୁ ବାଟପାଲି ଇନ୍ଦିରାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜୟମାକାଳୀ ଗୋଷ୍ଠୀ ଏମଭି-୧୧ ମାଣ୍ଡି ପରିଚାଳନା ନିମନ୍ତେ ମିଶନ ସକ୍ତି ନିକଟରେ ଆବେଦନ କରିଥିଲେ। ମାତ୍ର ଜୟମାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏମଭି-୧୧ ମଣ୍ଡି ଦାୟିତ୍ୱ ମିଳିଥିଲା। ବୁଧବାର ସକାଳୁ ଚାଷୀମାନେ ମଣ୍ଡିକୁ ଧାନ ଆଣିବା ସମୟରେ ଅପରପକ୍ଷ ଇନ୍ଦିରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିୟନ୍ତ୍ରିତ ବଜାର କମଟି ଗେଟରେ ତାଲା ପକାଇଥିବା ଦେଖିବାକୁ ମିଳିଥିଲା। ଗେଟରେ ତାଲା ପଡିଥିବା ଦେଖି ଚାଷୀମାନେ ବାହାରେ ଗାଡ଼ିରେ ଲୋଡ଼ କରି ଧାନ ରଖିଥିଲେ। ପରେ ଜିଲା ଯୋଗାଣ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପହଞ୍ଚି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବୁଝାଶୁଝା କରିବା ପରେ ମଣ୍ଡିରେ ଗାଡ଼ିରୁ ଧାନ ଅନଲୋଡ଼ ହୋଇ ମଣ୍ଡି ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଏହି ସମସ୍ୟାର କୌଣସି ସମାଧାନ ନ ହେବାରୁ ଆଜି ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜ ସମସ୍ୟା ବିଷୟରେ ଅବଗତ କରାଇବା ସହ ଏହାର ସମାଧାନ ନ ହେଲେ ଲ୍ୟାମ୍ପକୁ ଏହି ମଣ୍ଡି ପରିଚଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ।

# ମହିଳାଙ୍କୁ ୧୦ ବର୍ଷ ଜେଲ

ମାଲକାନଗିରି,୨୨।୧୨(ଦୁର୍ଯ୍ୟୋଧନ ପାତ୍ର)

### ଗଞ୍ଜେଇ ଚୋରାଚାଲାଣ ମାମଲା

ଜଣେ ମହିଳା ବେଆଇନ ଭାବେ ନିଜ ଘରେ ୩୦୦ କେଜି ଗଞ୍ଜେଇ ରଖି ଧରାପଡିଥିବା ନେଇ ରୁଜୁ ମାମଲାର ବିଚାର କରି ସ୍ୱତନ୍ତ୍ର ଜିଲା ଜଜ୍ ଅଜନ୍ତା ଷଡଙ୍ଗୀ ସମ୍ପୃକ୍ତ ଅଭିଯୁକ୍ତା ମହିଳାଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଆହୁରି ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଓର୍କେଲ ଥାନା ଡଙ୍ଗାକୁଣ୍ଡ ଗ୍ରାମର ସ୍ୱର୍ଗତ ସୁକ୍ରା ଭୁମିଆଙ୍କ ଝିଅ ମଙ୍ଗୁଳି ଭୁମିଆ (୩୭) ନିଜ ଘରେ ଗଞ୍ଜେଇ ଗଚ୍ଛିତ ରଖିଥିବା ସୂଚନା ପାଇ ମାଲକାନଗିରି ଅବକାରୀ ବିଭାଗ ତାଙ୍କ ଘରେ ଚଢାଉ କରି ଘରୁ ୬ଟି ଜରିବସ୍ତାରୁ ୩କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତା ମଙ୍ଗୁଳିଙ୍କୁ ଗିରଫ କରାଯାଇଥିଲା। କେସ୍ ନଂ. ୨୬/୨୦୨୨-୨୩ରୁଜୁ ହୋଇ ସେବେଠାରୁ ଉକ୍ତ ମାମଲା ଜିଲା ଜଜ୍ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଆଇନଜୀବୀ ବିଜୟ ମହାନ୍ତି ପରିଚାଳନା କରୁଥିଲେ।

# ୧୪୬ ଏମ୍ପିଙ୍କୁ ନିଲମ୍ବନ ପ୍ରତିବାଦରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ମାଲକାନଗିର,୨୨।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ସଦର ମହକୁମାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରି କୁଶ ପୁତଳିକା ଦାହ କରାଯାଇଛି। ସଂସଦରୁ ୧୪୬ଜଣ ଏମ୍ପିଙ୍କୁ ନିଲମ୍ବିତ କରିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୋଦି ସରକାର ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରି ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ନିବେଦନ କରିଛି। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗିଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ମାଲକାନଗିରିରେ କଂଗ୍ରେସ କର୍ମକର୍ତ୍ତାମାନେ ପ୍ରତିବାଦ ଜଣାଉଛନ୍ତି ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନ ବିହାର କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୨୨।୧୨(କ୍ଷୀରୋଦ ପରିଡା)

ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶୁକ୍ରବାର ବନ ବିହାର, ଗଣିତ ମେଳା ଓ ଜେଜେ ମା' ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥା ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ। ଜେଜେ ମା' ଜେଜେ ବାପା ସମ୍ମିଳନୀରେ ୮୦ରୁ ଉର୍ଦ୍ଧ୍ୱ ଜେଜେ ମା ଜେଜେବାପା ଯୋଗଦେଇ ଶିଶୁମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ସମ୍ମାନିତ ଅତିଥି ରୂପେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବ୍ଲକ ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ଜିପିଓ ହେମନ୍ତ ଭୂୟାଁ, ଚିତ୍ରକୋଣ୍ଡା ସରପଞ୍ଚ ହରିମୋହନ ଖିଲ ଓ ସମାଜିକ କର୍ମୀ ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ । ଗଣିତ ମେଳାରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ପ୍ରକଳ୍ପ ପଦର୍ଶନ କରିଥିଲେ। ଗଣିତ ମେଳାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ସଭାପତି କ୍ଷୀରୋଦ ବେହେରା, ସମ୍ପାଦକ ଶଶାଙ୍କ ଶେଖର କର, କୋଷାଧକ୍ଷ ହେମନ୍ତ ନାୟକ, ସମାଜିକ କର୍ମୀ ସାହୁ, ଯୁଗ୍ମ ସମ୍ପାଦକ ମନୋଜ ପାତ୍ର କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରି ସେମାନଙ୍କୁ ପୁରସ୍କୃତ କରିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍ଯାପିତ

କାଲିମେଳା,୨୨।୧୨(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଠାରେ ନୂଆ -ଓ ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ୧ମାସଧରି ଚାଲିଥିବା କ୍ରୀଡା ସାଂସ୍କୃତିକ, ସାହିତ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଢ଼ି, ଜିଲା ପରିଷଦ ସଭ୍ୟା ମମତା ପଡିଆମି, କାଳିମେଳା ରେଞ୍ଜର ଟଙ୍କଧର ଦାସ, ବାଲିମେଳା କଲେଜର ପୂର୍ବତନ ଅଧକ୍ଷ ଏମ. ବୈରାଗୀ ସୁବୁଦ୍ଧି, ଏମ୍ପି ପ୍ରତିନିଧି ଇଂ. ଭେଙ୍କଟ ରାଓ, ଯୁକ୍ତ ଦୁଇ ବିଦ୍ୟାଳୟ ଅଧକ୍ଷ ହିମାଂଶୁ ଶେଖର ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଲୁକ୍କାୟିତ ପ୍ରତିଭା ଲୋକ ଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଛାତଛାତ୍ରୀ ମାନଙ୍କୁ ନେଇ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ସହ ଗୀତ, ନୃତ୍ୟ, ବକ୍ତୃତା, ରଚନା, ଫେସନ ଶୋ, ଚିତ୍ର, ଅଭିନୟ ଆଦି ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଖଗେଶ୍ୱର ବେହେରା ଖେଳ ପରିଚାଳନା କରିଥିଲେ । ନୋଡ଼ାଲ ଅଧିକାରୀ ସୁଶାନ୍ତ ବାରିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ରାମକୃଷ୍ଣ ଭଞ୍ଜ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାକୁ ପରାମର୍ଶ

ମାଥିଲି, ୨୨।୧୨ (ସୁବାଷ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଅନେକ ଦିନ ଧରି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମହାବିଦ୍ୟାଳୟରେ ଚାଲିଥିବା ନୂଆ ଓ-ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭବିଷ୍ୟତ ପାଇଁ ଉଚ୍ଚ ସ୍ୱପ୍ନ ଦେଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷ ସୁବ୍ରତ ଭଦ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ବ୍ଲକ ଅଧକ୍ଷ ମହେଶ ବାକା ଅନ୍ୟତମ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷାନୁଷ୍ଠାନର ଗୌରବ ବଢାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟା ସୁସ୍ମିତା ମାଝୀ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ସରପଞ୍ଚ କନାମରାଜୁ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବାଲାରାଜୁ କୋପେ, ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ରୀଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା । ଆଧାପିକା ଅଧାପକ, କର୍ମଚାରୀଙ୍କ ସହ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଗଞ୍ଜେଇ କ୍ରୟ କରିବାକୁ ଯାଇ ୨ ଗିରଫ

ଜୟପୁର, ୨୨।୧୩ (ପବନ ପାଣିଗ୍ରାହୀ)

ଗଞ୍ଜେଇ କ୍ରୟ କରିବାକୁ ଯିବା ସମୟରେ ଜୟପୁର ସଦର ପୋଲିସ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ପଶ୍ଚିମବଙ୍ଗର ରାମ ନାୟରୟ(୩୨) ଓ ଲମତାପୁଟର ପ୍ରଦୀପ ସେଠୀ (୩୫)। ପୋଲିସ ଜୟପୁର ଘାଟିର ଶିବ ମନ୍ଦିର ନିକଟରେ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଏକ ଟ୍ରକ (ଡବ୍ଲୁବି୧୧ସି-୭୨୬୩) କୋରାପୁଟ ପଟୁ ଜୟପୁର ଅଭିମୁଖେ ଆସୁଥିଲା। ଉକ୍ତ ଟ୍ରକରେ ଦୁଇ ଜଣ ଥିଲେ। ପୋଲିସ ସନ୍ଦେହରେ ଟ୍ରକ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୫ ଶହ ଟଙ୍କିଆ ବଣ୍ଡଲ ଠାବ କରିଥିଲା। ଡ୍ରାଇଭରଙ୍କୁ ପଚରଉଚରା କରିବାରୁ ସେ କହଲେ, ପ୍ରଦୀପଙ୍କୁ ସେ ଗଞ୍ଜେଇ ଚାଷ କରିବାକୁ ୧ ଲକ୍ଷ ଦେଇଥିଲେ। ଶୁକ୍ରବାର ଜୟପୁରରେ ଗଞ୍ଜେଇ ଦେବା ପରେ ଅଧିକ ଦରରେ ବିକ୍ରି ପାଇଁ ରାଞ୍ଚିକୁ ଚାଲାଣ କରିଥାନ୍ତେ ବୋଲି ଡ୍ରାଇଭର ପ୍ରକାଶ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଟ୍ରକ, ୫ଟି ଲୁହା ପାଇପ, ୫୨ ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ଶିଶୁଙ୍କ ଅଧିକାର ସୁରକ୍ଷା ନେଇ ଗୁରୁତ୍ୱ

ବୋରିଗୁମ୍ମା,୨୨।୧୨ (ବିଜୟ ସାହୁ)

ଏକତା ଅନୁଷ୍ଠାନ ପକ୍ଷରୁ ବ୍ଲକସ୍ତରୀୟ ସେବା ପ୍ରଦାନକାରୀ ବୈଠକ ବୋରିଗୁମ୍ମା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମାଧୁରୀ ଆଚାରୀ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁବାସ ମାଝି, ସମ୍ମାନିତ ଅତିଥି ରୂପେ ସଂଯୁକ୍ତା ପଣ୍ଡା, ଜଗଦିଶ ମେହେର, ନନ୍ଦିନୀ ବଡ଼ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କାଣ୍ଡାକେଲ,ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୋନାଲି ନାୟକ, କାଠରଗଡା ସରପଞ୍ଚ କୁନି ସଉରା, ୱାରେଲଡ ଭିଜନର ସୁକେନ୍ଦ୍ର ଖେମୁଣ୍ଡୁ, ଜିପିଇଓ ସୁମନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । କାଠରଗଡା ଏବଂ ହୋରାଡ଼ାଗୁଡା ପଞ୍ଚାୟତ ପ୍ରତିନିଧି, ଶିଶୁ, ଗ୍ରାମ ଶିଶୁ ସୁରକ୍ଷା କମିଟି ସଭ୍ୟାସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟତଃ ଶିଶୁର ଅଧିକାରଗୁଡିକ ଯେପରି ଉଲ୍ଲଂଘନ ନ ହୁଏ, ପିଲାଙ୍କ ଶିକ୍ଷା ଅଧିକାର ଯେପରି କ୍ଷୁଣ୍ଣ ନ ହୁଏ ଏବଂ ଅଧିକାରଗୁଡିକ ଯେପରି ଶିଶୁ ମଙ୍ଗଳ ବିଭାଗ ଦ୍ୱାରା ସୁରକ୍ଷିତ ହୋଇ ରହିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍ଯାପିତ

କୁନ୍ଦୁରା,୨୨।୧୨(ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ ଉପକଣ୍ଠସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଏବଂ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୧୦ ଦିନ ଧରି ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଏସଡିସି ଅଧକ୍ଷ ଚନ୍ଦ୍ରଶେଖର ମାଝି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ନୋଡାଲ ଅଫିସର ଶ୍ୱେତ ବସନ୍ତ ରଥ, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଡିଆ,ମହାବିଦ୍ୟାଳୟ ପ୍ରତିଷ୍ଠାତା ସଞ୍ଜୟ ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସଭାପତି ରାମକୃଷ୍ଣ ସାବତ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ବିଧାୟିକା ପ୍ରତିନିଧି ରମାକାନ୍ତ ମିଶ୍ର, ସମିତିସଭ୍ୟ ଦାମୋଦର ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୧୦ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଭଲିବଲ, କ୍ରିକେଟ, ଖୋଖୋ, ଲମ୍ଫ ଡିଆଁ, ଉଚ୍ଚଡିଆଁ, କବାଡ଼ି ଭଳି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ରୀତା କରନ, ସୁଧାଂଶୁ ପଣ୍ଡା, ଦୁର୍ଗାମାଧବ ଦାସ, ମାଧୁରୀ ସାହୁ, ଉପେନ୍ଦ୍ର ନାରାୟଣ ଜେନା, ସୁଶାନ୍ତ ବେହେରା ପରିଚାଳନା କରିଥିଲେ।

# ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଦାମନଯୋଡ଼ି,୨୨।୧୨(ନରସିଂହ ବ୍ରହ୍ମା)

ନାଲ୍କୋ ଟାଉନଶିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସ୍କୁଲର ପ୍ରୋ ଭାଇସ୍ ଚେୟାରମ୍ୟାନ ସୁଶୀଲ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବ ସହ ବାର୍ଷିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କଠିନ ପରିଶ୍ରମ ଓ ନିୟମିତ ଅଧ୍ୟବସାୟ ଫଳରେ ସଫଳତା ମିଳିଥାଏ ବୋଲି ମୁଖ୍ୟ ଅତିଥି ପାଢ଼ୀ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଡିପିଏସ୍‌ର ମୁଖପତ୍ର 'ଡିପ୍ ଡିଉ' ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ରୂପେ ମୁଖ୍ୟ ଅତିଥି ପାଢ଼ୀଙ୍କ ସ୍ତ୍ରୀ ସୋନିଆ ପାଢ଼ୀ ଉପସ୍ଥିତ ଥିଲେ। ନାଲ୍କୋ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସାଧୁବାଦ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସଙ୍ଗୀତ, ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ସଚେତନତାଧର୍ମୀ କାର୍ଯ୍ୟକ୍ରମ, ନୃତ୍ୟନାଟିକା 'ମହିଷମର୍ଦ୍ଦିନୀ', ପୌରାଣିକ ଓ ଐତିହାସିକ ଘଟଣାବଳୀକୁ ନେଇ କାର୍ଯ୍ୟକ୍ରମ 'ଉତିଷ୍ଠ ଭାରତ' ମଧ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ଐଶାନୀ ଦତ୍ତ ଓ ଛାତ୍ର ପ୍ରଥମେଶ ନନ୍ଦ ମଞ୍ଚ ସଂଯୋଜନା କରିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

କୋରାପୁଟ/ଜୟପୁର,୨୨।୧୨ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)


କୋରାପୁଟ ଓ ଜୟପୁରରେ କଂଗ୍ରେସ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରର୍ଦାନ କରି ପ୍ରତିବାଦ ଜଣାଉଛନ୍ତି।

କେନ୍ଦ୍ରର ଭାଜପା ସରକାର ବିରୋଧୀ ଦଳର ୧୪୬ ଜଣ ଏମ୍ପିମାନଙ୍କୁ ଅଗଣତାନ୍ତ୍ରିକ ଭାବେ ସଂସଦରୁ ନିଲମ୍ବନ କରିଛନ୍ତି। ଭାରତୀୟ ଗଣତନ୍ତ୍ର ଉପରେ ଭାଜପା ସରକାରର ଏଭଳି ଆକ୍ରମଣକୁ ସବୁସ୍ତରରେ ନିନ୍ଦା କରାଯାଉଛି। କଂଗ୍ରେସ ପକ୍ଷରୁ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ନେତୃତ୍ୱରେ ଶୁକ୍ରବାର ମୋଦି ସରକାରଙ୍କ ଗଣତନ୍ତ୍ର ଉପରେ ଆକ୍ରମଣକୁ ନିନ୍ଦା କରାଯାଇ ଦିଲ୍ଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା କୃଷ୍ଣ କୁଲଦୀପ ଓ ବହୁ କର୍ମୀ ଏକତ୍ରିତ ହୋଇ ଭାଜପା ସରକାର ବିରୋଧରେ ନାରା ଦେଇଥିଲେ।

ସେହିପରି ଜୟପୁର ଜିଲା କଂଗ୍ରେସ ଭବନ ସମ୍ମୁଖରେ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ଲୋକସଭା ବାଚସ୍ପତି ଓମ ବିରଲା, ରାଜ୍ୟସଭା ଅଧକ୍ଷ ଜଗଦିପ ଧନଖରଙ୍କ କୁଶ ପୁତଳିକା ଦାହ କରାଯାଇ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାର ଗଣତନ୍ତ୍ରର ହତ୍ୟା ଓ କଣ୍ଠରୋଧ କରିଥିବା କଂଗ୍ରେସ ଅଭିଯୋଗ କରିଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ମିନାକ୍ଷୀ ବାହିନୀପତି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ନିହାର ବିଷୋୟୀଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

# ପଦୋନ୍ନତି ନେଇ ଶିକ୍ଷକଙ୍କ ଧାରଣା

**ନବରଙ୍ଗପୁର,୨୨।୧୨(ସଦାଶିବ ପ୍ରହରାଜ)**

### ତୁରନ୍ତ ପଦୋନ୍ନତି ନ ମିଳିଲେ କାର୍ଯ୍ୟାଳୟ ଘେରାଉ ଚେତାବନୀ

ନବରଙ୍ଗପୁର ଜିଲାର ପଦୋନ୍ନତି ଆଶାୟୀ ଶିକ୍ଷକମାନେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ପଦୋନ୍ନତି ପ୍ରଦାନ ଦାବିରେ ଧାରଣା ଦେଇଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି।

ଶିକ୍ଷକମାନେ ପ୍ରାୟ ୮ ମାସ ଧରି ପଦୋନ୍ନତି ପାଇଁ ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ସତ୍ତ୍ୱେ ଏଯାଏ ସେମାନଙ୍କୁ ପଦୋନ୍ନତି ମିଳିନାହିଁ। ପଦୋନ୍ନତିର କିଛି ସର୍ତ୍ତକୁ ପୂରଣ କରି ନ ପାରିଥିବା ମୁଷ୍ଟିମେୟ ଶିକ୍ଷକଙ୍କ ପାଇଁ ପଦୋନ୍ନତି ଯୋଗ୍ୟ ଶିକ୍ଷକ ଅକାରଣରେ ବଞ୍ଚିତ ହୋଇଥିବା ଧରଣାରତ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ପଦୋନ୍ନତି ପାଇଁ ୩ଥର ଗ୍ରେଡେଶନ ତାଲିକା ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରେରଣ କରାଯାଇଥିଲେ ମଧ୍ୟ ତାହା ତ୍ରୁଟିପୂର୍ଣ୍ଣ ଦର୍ଶାଇ ରିଜେକ୍ଟ ହେଉଛି। ଗ୍ରେଡେଶନ ତାଲିକାକୁ ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ଅନେକ ଥର ଡିଇଓଙ୍କ ଦୃଷ୍ଟି ଆକର୍ଷଣକରି ଆଲୋଚନା କରାଯାଇଥିଲେ ମଧ୍ୟ ଏହାର ପୁନରାବୃତ୍ତି ଘଟୁଛି। କେତେଜଣ ଶିକ୍ଷକଙ୍କ ହାତବାରିସି ସାଜି ଉଦ୍ଦେଶ୍ୟମୂଳକ ଭାବେ ଗ୍ରେଡେଶନ ତାଲିକାକୁ ତ୍ରୁଟିପୂର୍ଣ୍ଣ କରାଯାଉଥିବା ଧାରଣାରତ ଶିକ୍ଷକମାନେ ଅଭିଯୋଗ କରିବା ସହ ଡିଇଓଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୨୦୧୧ ପରେ ସ୍ନାତକ ପାସ୍ କରିଥିବା ଶିକ୍ଷକଙ୍କ ପାଇଁ ଓଟିଇଟି ପାସ୍ ହେବା ଜରୁରୀ ବୋଲି ଓଡ଼ିଶା ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଆସିଛି। ଉକ୍ତ ନିର୍ଦ୍ଦେଶାନୁଯାୟୀ ପୁନର୍ବାର ତାଲିକା ପ୍ରସ୍ତୁତକରି ପଠାଇବା ନେଇ କାର୍ଯ୍ୟ ଚାଲିଛି। ଖୁବ୍ ଶୀଘ୍ର ତାଲିକା ପ୍ରସ୍ତୁତ କରି ପଠାଯିବ ବୋଲି ଡିଇଓ ପ୍ରଦୀପ କୁମାର ନାଗ କହିଛନ୍ତି। ଶିକ୍ଷକମାନେ କାହାର ଅନୁମତି ନେଇ ସ୍କୁଲ ଛୁଟି ପୂର୍ବରୁ ଧାରଣା ଦେଇଛନ୍ତି ବୋଲି ବିଇଓ ପ୍ରଶ୍ନ କରିଛନ୍ତି। ଧାରଣାରେ ଶିକ୍ଷକ ସର୍ବେଶ୍ୱର ମଲ୍ଲିକ, ଦିଲୀପ କୁମାର ପାଣିଗ୍ରାହୀ, ଗୁଟୁବାବୁ ପଟ୍ଟନାୟକ, ବୃନ୍ଦାବନ ଦୁର୍ଗା, ମନୋରଞ୍ଜନ ପାଢ଼ୀ, ତ୍ରିପତି ପଟ୍ଟନାୟକ, ସୁନୀଲ ନାୟକ, ଶଙ୍କର ବେହେରା, ପ୍ରଭାକର ପଟ୍ଟନାୟକ, ସନ୍ତୋଷ ଖାଡଙ୍ଗା, ପ୍ରଭାତୀ ଦେବନାଥ, ପି.ରବିକାନ୍ତ ରଘୁରାମ, ଶ୍ରୀଧର ଶତପଥୀ, ନରେଶ ପଟ୍ଟନାୟକ, ବିଜୟ ପାଣିଗ୍ରାହୀଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିଥିଲେ।


ଧାରଣାରେ ବସିଥିବା ଶିକ୍ଷକମାନେ।

## ଧାନ କିଣିବାକୁ ଆସି ନ ଥିଲେ ମିଲର, ଫେରିଗଲେ ଚାଷୀ

### ମଝିଆଗାଁ ଧାନ ମଣ୍ଡିରେ ଅବ୍ୟବସ୍ଥା

**ତେନ୍ତୁଲିଖୁଣ୍ଟି, ୨୨।୧୨(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଲ୍ୟାମ୍ପସ ଅଧୀନ ମଝିଆଗାଁ ଧାନ ମଣ୍ଡିରେ ଟ୍ୟାଗ୍ ହୋଇଥିବା ମିଲର ଆସି ନ ଥିବାରୁ ଚାଷୀଙ୍କ ଧାନ ଉଠି ପାରି ନାହିଁ। ଶୁକ୍ରବାର ମଣ୍ଡିକୁ ଧାନ ନେଇ ଆସିଥିବା ଚାଷୀ ନିରାଶ ହୋଇ ଫେରିଛନ୍ତି। ମଣ୍ଡି ଉଦ୍‌ଘାଟନକୁ ୧୦ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଧାନ କିଣା ଯାଉ ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମଣ୍ଡିକୁ ଧାନ ଆଣି ପୁଣି ଫେରାଇ ନେବାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚାଷୀଙ୍କୁ ଉକ୍ତ ଟଙ୍କା ଦେବାକୁ ସେମାନେ ଦାବି କରିଛନ୍ତି। ମଣ୍ଡିରେ ଧାନ ବିକ୍ରି ନ ହେବା ନେଇ ଏମ୍‌ଡି ନରେଶ ଦାଶଙ୍କୁ ପଚାରିବାରୁ ଟ୍ୟାଗ ହୋଇଥିବା ମିଲର କ'ଣ ପାଇଁ ଆସି ନ ଥିଲେ ତାହାର ଯାଞ୍ଚ କରିବେ ବୋଲି ସେ କହିଛନ୍ତି।

## ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ


ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ଯୋଗଦେଇଥିବା ଯୁବତୀଯୁବକ।

**ଡାବୁଗାଁ, ୨୨।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବତୀଯୁବକ କିପରି ତାଲିମ ନେଇ ରୋଜଗାରକ୍ଷମ ହୋଇପାରିବେ, ବୈଷୟିକ ଶିକ୍ଷା ମାଧ୍ୟମରେ ବାଳିକା ବାଳକଙ୍କ କିପରି ଉନ୍ନତି ହେବ ସେ ବିଷୟରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଲେଇ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି . ପ୍ରସାଦ, ପର୍ଶୁରାମ ମାଳୀ ଓ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏଥିରେ ୬ଟି ତାଲିମ ଏଜେନ୍ସି ଯୋଗ ଦେଇଥିଲେ। ବ୍ଲକରୁ ମୋଟ ୬୩ ଯୁବତୀ ବିଭିନ୍ନ ବିଭାଗରେ ତାଲିମ ନେବା ପାଇଁ ନାମ ରେଜିଷ୍ଟ୍ରେଶନ କରିଛନ୍ତି। କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।

## କୂଅରୁ ନାବାଳକଙ୍କ ମୃତଦେହ ଜବତ

**ଡାବୁଗାଁ, ୨୨।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଭୀମାଗୁଡ଼ା ଗ୍ରାମ ନିକଟ ଏକ କୂଅରୁ ଜଣେ ନାବାଳକଙ୍କ ମୃତଦେହ ଶୁକ୍ରବାର ସକାଳେ ମିଳିଛି। ସେ ହଲେ ଗାଁର ପଦ୍ମନ ଭତ୍ରାଙ୍କ ପୁଅ ବିଶ୍ୱନାଥ ଭତ୍ରା (୧୪)।

ସୂଚନାନୁଯାୟୀ, ଗୁରୁବାର ଅପରାହ୍ନ ୪ଟାରେ ବିଶ୍ୱନାଥ ଘରୁ କେଉଁଆଡେ ଚାଲିଯାଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଏହାପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତଥାପି ରାତି ସୁଦ୍ଧା ତାଙ୍କର ସନ୍ଧାନ ମିଳିଲା ନାହିଁ। ଶୁକ୍ରବାର ଖୋଜାଖୋଜି କରୁଥିବା ବେଳେ ଗ୍ରାମ ପାଖ ଜମିରେ ଥିବା ଏକ କୂଅ ଭିତରେ ବିଶ୍ୱନାଥ ଭାସୁଥିବା ପରିବାର ଲୋକେ ଦେଖିଥିଲେ। ସେମାନେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ତାଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଶ୍ୱନାଥଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବାପା ପଦ୍ମନ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଥାନା କେସ୍ ନଂ. ୩୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## 'ମୋ ଜଙ୍ଗଲ ଜମି ଯୋଜନା'ର ଦିନିକିଆ ପ୍ରଶିକ୍ଷଣ କର୍ମଶାଳା

**ଉମରକୋଟ, ୨୨।୧୨(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ଉମରକୋଟ ଓ ରାଇଘର ଗ୍ରାମ୍ୟ ସଚେତକ, ବ୍ଲକ କର୍ମଚାରୀ, ରାଜସ୍ୱ ବିଭାଗ ଓ ବନ ବିଭାଗ କର୍ମଚାରୀଙ୍କୁ ନେଇ ମୋ ଜଙ୍ଗଲ ଜମି ଯୋଜନାର ଏକ ଦିବାସୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ମୁଖ୍ୟ ଅତିଥି, ରାଇଘର ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ପୋଗ୍ରାମ ଅଫିସର ଶିବଶଙ୍କର ଦୋରା, ଉମରକୋଟ ମଙ୍ଗଳ ଅଧିକାରୀ ବିଧୁଭୂଷଣ ବେହେରା, ଏଫ୍ଆର୍ଏ ସଂଯୋଜକ ଅଭିଜିତ ଦାସ ଓ ପ୍ରଦୀପ ରାଏ, ରାଇଘର ଏଫ୍ଆରଏ ସେଲ ପକ୍ଷରୁ ସତ୍ୟଜିତ ହାଲଦାର, ମଙ୍ଗଳ ବିଭାଗର ପ୍ରଜ୍ଞା ରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଧିକାରକୁ ସୁନିଶ୍ଚିତ, ଜଙ୍ଗଲ ସମ୍ପଦର ନିରନ୍ତର ବିକାଶ ଦିଗରେ ଜନଜାତିଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଯୋଜନାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଜନଜାତିଙ୍କ ଜୀବିକାରେ ଉନ୍ନତି ସହ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯିବ। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ, କୌଣସି ବ୍ୟକ୍ତି ଯେପରି ଏହି ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ଶିବିରରେ କୁହାଯାଇଛି। ଜଙ୍ଗଲ ଜମିର ସମସ୍ତ ନିୟମ, ଜଙ୍ଗଲ ଜମି ପାଇଁ ପଟ୍ଟା ଆବେଦନ ଅନେକ ନିୟମ ସମ୍ପର୍କରେ ଗୋଷ୍ଠୀ ଗ୍ରାମ ସଚେତକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲା ଆଇଟିଡିଏ ଓ ଆର୍‌ସିଡିସି ପକ୍ଷରୁ ଏହାକୁ ପରିଚାଳନା କରାଯାଇଛି।

## ଆନ୍ତଃରାଜ୍ୟସ୍ତରୀୟ ଜେଆର୍‌ସି କ୍ୟାମ୍ପରେ ନବରଙ୍ଗପୁର ଛାତ୍ର

**ନବରଙ୍ଗପୁର,୨୨।୧୨ (ସଦାଶିବ ପ୍ରହରାଜ)**



ହରିୟାଣା କୁରୁକ୍ଷେତ୍ରସ୍ଥିତ ଗୀତା ଜ୍ଞାନ ସଂସ୍ଥାନମ୍‌ଠାରେ ଆନ୍ତଃ ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ତଥା ତାଲିମ ଶିବିର ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଠାରେ ଯୋଗଦେବାକୁ ଓଡ଼ିଶାରୁ ୯ ଜଣଙ୍କୁ ଚୟନ କରାଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ସରକାରୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଛାତ୍ର ଚିଦାନନ୍ଦ ଚୌଧୁରୀ ଏଥିରେ ଭାଗନେବେ। ଚିଦାନନ୍ଦଙ୍କୁ ନବରଙ୍ଗପୁର ଜିଲା ଜୁନିୟର ରେଡ୍‌କ୍ରସ ପକ୍ଷରୁ ଡିଇଓ ପ୍ରଦୀପ କୁମାର ନାଗ, ଏଡିଇଓ ବିଶ୍ୱନାଥ ସାହୁ ଏବଂ ଡ. ରେଶମଲାଲ ନାୟକ, ଆଇପି ପ୍ରଭାତ ପଟ୍ଟନାୟକ, ଜୁନିୟର ରେଡ୍‌କ୍ରସ ଅଧିକାରୀ ନାରାୟଣ ପାଇକରାୟ, ପ୍ରଧାନଶିକ୍ଷକ ଅଭୟ ନାୟକ, କାଉନସିଲର ବୁଲୁ ଗୌଡ଼ଙ୍କ ସହ ଜିଲାର ସମସ୍ତ କାଉନସିଲର, ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରୁ ଚୟନ ହୋଇଥିବା ଛାତ୍ରୀଛାତ୍ର ଶୁକ୍ରବାର ଭୁବନଶ୍ୱରରୁ କୁରୁକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।

## ନବରଙ୍ଗପୁର, କୋରାପୁଟ ଚାଷୀଙ୍କୁ ତାଲିମ

**ନବରଙ୍ଗପୁର, ୨୨।୧୨(ସଦାଶିବ ପ୍ରହରାଜ)**

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ନବରଙ୍ଗପୁର ଓ କୋରାପୁଟ ଜିଲାର ଉଦ୍ୟାନ କୃଷିରେ ଉନ୍ନତ ଚାରା ପ୍ରସ୍ତୁତି, ଉଦ୍ୟମିତା ସମ୍ପର୍କରେ ୩ଦିନିଆ ତାଲିମ କାର୍ଯ୍ୟକ୍ରମ କରାଯାଇଛି। ଡିବିଟି କିସାନ ସହାୟତାରେ ଜୀବ ବିଜ୍ଞାନ ସଂସ୍ଥାନ ଓ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ମିଳିତ ଉଦ୍ୟମରେ ଆୟୋଜିତ ଶିବିରରେ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ମୁଖ୍ୟ ଡକ୍ଟର ଗୋବିନ୍ଦ ଆଚାର୍ଯ୍ୟ ଯୋଗଦେଇ ଉନ୍ନତ କିଷମର ପନିପରିବା ଓ ଫଳ ଚାରା ବିକ୍ରୀ ସୁଯୋଗ ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନ ବୈଜ୍ଞାନିକ ଡକ୍ଟର ପି. ଶ୍ରୀନିବାସ ବ୍ୟବସାୟିକ ନର୍ସରୀ ପରିଚଳନା, ଡକ୍ଟର ସତ୍ୟପ୍ରିୟ ସିଂହ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ବୁଝାଇ ଥିଲେ। ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌର ପ୍ରଧାନ ବୈଜ୍ଞାନିକ ଡକ୍ଟର ଚନ୍ଦ୍ର ଶେଖର ମହାନ୍ତି ଫୁଲ ଚାଷର ଚାରା ପ୍ରସ୍ତୁତିରେ ଲାଭ, ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ଏହାର ବିକ୍ରି ସମ୍ପର୍କରେ ବୁଝାଇ ଥିଲେ। ଡକ୍ଟର ଏ.ଭି.ଭି. କୌଣ୍ଡୀନ୍ୟ ଓ ଡକ୍ଟର ଏମ୍.ନେଦୁ ଚେଜୀୟନ୍, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡକ୍ଟର ଚିତ୍ତରଞ୍ଜନ ସାହୁ, ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟ ନିର୍ଦ୍ଦେଶକ ଡକ୍ଟର ସିଦ୍ଧାର୍ଥ ପଲେଇ, ଓୟୁଏଟି ସହାୟକ ପ୍ରଫେସର୍ ଡକ୍ଟର ସୁନୀଲ ସାମଲ, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ବରିଷ୍ଠ ଯାନ୍ତ୍ରିକ ଅଧିକାରୀ ମନୋଜ ପଟ୍ଟନାୟକ, ଯାନ୍ତ୍ରିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାଝି ଓ ଅନିଲ ଆଡମୋଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଓ ନବରଙ୍ଗପୁର ଜିଲାରୁ ୨୫ ଚାଷୀ, କୃଷିମିତ୍ର ଓ ଉଦ୍ୟୋଗୀ ଯୋଗ ଦେଇଥିଲେ।

## ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ସୁରକ୍ଷାଗାର୍ଡ ସଂଘ ପକ୍ଷରୁ ଧାରଣା

**କୋରାପୁଟ,୨୨।୧୨(ଅମିତାଭ ବେହେରା)**

କୋରାପୁଟ ଜିଲା ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଚୁକ୍ତିଭିତ୍ତିକ ସୁରକ୍ଷାଗାର୍ଡ ସଂଘ ଅନକାଡେଲିସ୍ଥିତ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଂଘ ସଭାପତି ଭୁବେନେଶ୍ୱର ପଣ୍ଡା, ସଂପାଦକ ପତି ପାଙ୍ଗି, କୃଷ୍ଣ ଖେମୁଣ୍ଡୁଙ୍କ ନେତୃତ୍ୱ ନେଇଥିଲେ । ସୁରକ୍ଷାଗାର୍ଡ ଓ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଠିକା କର୍ମଚାରୀଙ୍କୁ ସିଧାସଳଖ ବେତନ, ଏପିଜେନକୋ ଅଧୀନରେ ଖାଲି ପଦବୀରେ ନିଯୁକ୍ତି ସହ ସେମାନଙ୍କ ଅନ୍ୟ ଦାବି ରହିଛି । ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।











































